# ୫୧ ଆକ୍ରାନ୍ତ, ୫୦ ସୁସ୍ଥ, ୧ ମୃତ

**ଭୁବନେଶ୍ୱର,୨୧।୫/ଏନ୍‌ଏନ୍‌ଏସ୍:**

ଓଡ଼ିଶାରେ କରୋନା ରୋଗୀଙ୍କ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଛି । ଅବଶ୍ୟ ଆକ୍ରାନ୍ତଙ୍କ ତୁଳନାରେ ମୃତକଙ୍କ ସଂଖ୍ୟା ବହୁତ କମ୍ ରହିଛି । ଗତ ୫୦ ଦିନରେ ମୃତ୍ୟୁ ସଂଖ୍ୟା ୩ରେ ସୀମିତ ଥିବାବେଳେ ସପ୍ତାହ ଭିତରେ ୪ ଜଣ ଆକ୍ରାନ୍ତ ପ୍ରାଣ ହରାଇଛନ୍ତି । ବର୍ତ୍ତମାନ

ମୃତକଙ୍କ ସଂଖ୍ୟା ୭ରେ ପହଞ୍ଚିଛି । ୭ ଜଣଙ୍କ ମଧ୍ୟରୁ ୫ଜଣ ବୟସ୍କ ରହିଛନ୍ତି । ରାଜ୍ୟରେ ବୟସ୍କଙ୍କ କ୍ଷେତ୍ରରେ କରୋନା ଭାରି ପଡ଼ିଛି । ଗତକାଲି ପରି ଆଜି ମଧ୍ୟ ଜଣେ ବୃଦ୍ଧଙ୍କ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ଗଞ୍ଜାମ ଜିଲ୍ଲାର । ତାଙ୍କର ବୟସ ୮୫ ବର୍ଷ । ସେ ଉଚ୍ଚ ରକ୍ତଚାପ ସହ ଅନ୍ୟାନ୍ୟ ରୋଗରେ ପୀଡ଼ିତ ଥିଲେ। ଗଞ୍ଜାମ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ଆଜିର ମୃତକଙ୍କୁ ମିଶାଇ ଗଞ୍ଜାମ ଜିଲ୍ଲାରେ ମୃତ୍ୟୁ ସଂଖ୍ୟା ୩ରେ ପହଞ୍ଚିଛି ।

ଗୁରୁବାର ରାଜ୍ୟରେ ୫୧ଜଣ କାରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୫୦ଜଣ ସୁସ୍ଥ ହୋଇଛନ୍ତି । ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୧୧୦୩ରେ ପହଞ୍ଚିଛି । ସକ୍ରିୟ ରୋଗୀଙ୍କ ସଂଖ୍ୟା ୭୦୩ରେ ଥିବାବେଳେ ସୁସ୍ଥଙ୍କ ସଂଖ୍ୟା ୩୯୩ରେ ପହଞ୍ଚିଛି । ସପ୍ତାହ ଭିତରେ ସୁସ୍ଥଙ୍କ ସଂଖ୍ୟା ୩୦୦ ଛୁଇଁଛି । ବର୍ତ୍ତମାନ ସ୍ଥିତିରେ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ସହିତ ସୁସ୍ଥଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ଆଜି ଚିହ୍ନଟ ହୋଇଥିବା ୫୧ଜଣ ଆକ୍ରାନ୍ତଙ୍କ ମଧ୍ୟରୁ କଳାହାଣ୍ଡି ଓ ନୟାଗଡ଼ରେ ୧୧ଜଣ ଲେଖାଏଁ ଅଛନ୍ତି । ସେହିପରି ଅନୁଗୁଳ, ଜଗତସିଂହପୁର ଓ ସମ୍ବଲପୁରରୁ ୨ ଜଣ ଲେଖାଏଁ ଚିହ୍ନଟ ହୋଇଛନ୍ତି । ପୁରୀ ଓ ମାଲକାନଗିରିରୁ ଜଣେ ଲେଖାଏଁ ଏବଂ କଟକରୁ ୯ ଜଣ ଓ ମୟୂରଭଞ୍ଜରୁ ୩ ଜଣ ଚିହ୍ନଟ ହୋଇଛନ୍ତି । ଗଞ୍ଜାମରୁ ୪ଜଣ ଓ ଯାଜପୁରରୁ ୫ ଜଣ ଚିହ୍ନଟ ହୋଇଛନ୍ତି । ଆଜି ଚିହ୍ନଟ ହୋଇଥିବା ୫୧ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୪୮ଜଣ କ୍ୱାରେଣ୍ଟାଇନ୍ ସେଣ୍ଟରରେ ଥିଲେ । ଆଜି ୫୦ ଜଣ ସୁସ୍ଥଙ୍କ ମଧ୍ୟରେ ୨୨ଜଣ ଗଞ୍ଜାମର ଥିବାବେଳେ ୧୫ ବାଲେଶ୍ୱର, ୫ ଭଦ୍ରକ, ୩ ବୌଦ୍ଧ, ୩ ଯାଜପୁର, ଜଣେ ମୟୂରଭଞ୍ଜ ଓ ଜଣେ ରାଉରକେଲାରୁ ରହିଛନ୍ତି ।

କଳାହାଣ୍ଡିରେ ଆଜିର ୧୧କୁ ମିଶାଇ ଆକ୍ରାନ୍ତଙ୍କ ସଂଖ୍ୟା ୧୩କୁ ବୃଦ୍ଧି ପାଇଛି । ସେଥିମଧ୍ୟରୁ ୨ ସୁସ୍ଥ ହେବା ପରେ ୧୧ ଚିକିତ୍ସିତ ହେଉଛନ୍ତି । ନୟାଗଡ଼ରେ ଆଜିର ୧୧କୁ ମିଶାଇ ଆକ୍ରାନ୍ତଙ୍କ ସଂଖ୍ୟା ୨୧କୁ ବୃଦ୍ଧି ପାଇଛି । ସେଥିମଧ୍ୟରୁ ଜଣେ ସୁସ୍ଥ ହୋଇଛନ୍ତି ଓ ୨୦ ଚିକିତ୍ସିତ ହେଉଛନ୍ତି । ଅନୁଗୁଳରୁ ୨ଜଣଙ୍କୁ ମିଶାଇ ଆଜିର ଆକ୍ରାନ୍ତଙ୍କ ସଂଖ୍ୟା ୧୯କୁ ବୃଦ୍ଧି ପାଇଛି । ଜଗତସିଂହପୁରରୁ ଆଜିର ୨କୁ ମିଶାଇ ଆକ୍ରାନ୍ତଙ୍କ ସଂଖ୍ୟା ୩୦କୁ ବୃଦ୍ଧି ପାଇଛି । ସେଥିମଧ୍ୟରୁ ୫ ସୁସ୍ଥ ହେବା ପରେ ୨୫ ଚିକିତ୍ସିତ ହେଉଛନ୍ତି । ସମ୍ବଲପୁରର ଆଜିର ୨କୁ ମିଶାଇ ଆକ୍ରାନ୍ତଙ୍କ ସଂଖ୍ୟା ୫କୁ ଓ ମାଲକାନଗିରର ▶▶ ୭